ସମ୍ବାଦ



# ବିଆଇଆଇଟିଏମ୍‌ରେ ଅନ୍ତର୍ଜାତୀୟ ସମ୍ମିଳନୀ




ଚନ୍ଦ୍ରଶେଖରପୁର, ୨୭/୨(ଇମିସ): ଡିଜିଟାଲ ଯୁଗରେ ଉନ୍ନତ ଗବେଷଣା ସମ୍ପର୍କିତ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ବିଆଇଆଇଟିଏମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୋଆ (ଶିକ୍ଷା ଓ ଅନୁସନ୍ଧାନ) ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହାକୁ ଉଦ୍‌ଘାଟନ କରିବା ସହ 'ବୁକ୍ ଅଫ୍ ଆବସ୍ଟ୍ରାକ୍ଟସ୍' ଉନ୍ମୋଚନ କରିଥିଲେ। ଏନ୍‌ଆଇଟି ରାଉରକେଲା ପ୍ରଫେସର ରାଜୀବ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇ ଡିଜିଟାଲ ରଣନୀତି ଉପରେ ମତପ୍ରକାଶ କରିଥିଲେ। ଉଦ୍‌ଘାଟନୀ ସମାରୋହ ପରେ ଅନୁଷ୍ଠିତ ପୂର୍ଣ୍ଣାଙ୍ଗ ଅଧିବେଶନରେ ଆଇଆଇଏମ୍ କୋଝିକୋଡ, ରାଜୀବ ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋଲିୟମ ଟେକ୍ନୋଲୋଜି, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଆଇଏମ୍‌ଆଇ ଭୁବନେଶ୍ୱର, ଫକୀରମୋହନ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସରମାନେ ସାମିଲ ହୋଇଥିଲେ। ଏହାପରେ ହାଇବ୍ରିଡ୍ ମୋଡ୍‌ରେ ହୋଇଥିବା ସନ୍ଦର୍ଭ ଉପସ୍ଥାପନାରେ ବିଶ୍ୱର ବିଶିଷ୍ଟ ଶିକ୍ଷାବିତ୍‌ମାନେ ୬୫ଟି ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ସନ୍ଦର୍ଭ ଉପସ୍ଥାପକମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କିଟ୍ ବିଶ୍ୱବିଦ୍ୟାଳୟର ଗବେଷଣା ଓ ବିକାଶ ବିଭାଗର ମହାନିର୍ଦ୍ଦେଶକ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।